# ବିଶ୍ୱ ନାଟ୍ୟ ଦିବସ ସନ୍ଦେଶ – ୨୦୨୬ / ୱିଲେମ୍ ଡାଫୋ

ମୁଁ ଜଣେ ଅଭିନେତା । ବିଶେଷ କରି ଜଣେ ଚଳଚ୍ଚିତ୍ର ଅଭିନେତା ଭାବରେ ଜଣାଶୁଣା । କିନ୍ତୁ ମୋର ମୂଳ ଆରମ୍ଭ ନାଟକ ଭିତରେ ରହିଛି ।୧୯୭୭ ରୁ ୨୦୦୩ ପର୍ଯ୍ୟନ୍ତ ମୁଁ **ଉଷ୍ଟର ଗ୍ରୁପ୍** ନାଟ୍ୟଦଳର ଜଣେ ସଭ୍ୟ ଥିଲି, ଯେଉଁଠି ମୂଳ ସୃଜନାତ୍ମକ ନାଟକ ତିଆରି କରି ନ୍ୟୁୟର୍କ ସହରର **ପର୍ଫର୍ମିଂ ଗାରାଜ୍** ମଞ୍ଚରେ ପରିବେଷଣ କରିଛୁ ଏବଂ ସମଗ୍ର ବିଶ୍ୱରେ ଭ୍ରମଣ କରିଛୁ । ମୁଁ **ରିଚାର୍ଡ ଫୋରମାନ୍, ରୋବର୍ଟ ୱିଲସନ୍** ଓ **ରୋମିଓ କାଷ୍ଟେଲୁଚି** ଭଳି ପ୍ରସିଦ୍ଧ ନାଟ୍ୟସୃଷ୍ଟାଙ୍କ ସହ ମଧ୍ୟ କାମ କରିଛି । ବର୍ତ୍ତମାନ ମୁଁ **ଭେନିସ୍ ଥିଏଟର ବିଏନାଲେ**ର କଳା ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ । ଏଠାରେ ନିଯୁକ୍ତି ପାଇବା, ବର୍ତ୍ତମାନର ବିଶ୍ୱର ଘଟଣା ସବୁ ଏବଂ ନାଟକକୁ ଫେରି ଆସିବା ଲାଗି ମୋର ଆଗ୍ରହ—ଏସବୁ ମିଶି ମୋ ମନରେ ନାଟକର ଅଦ୍ୱିତୀୟ ସକାରାତ୍ମକ ଶକ୍ତି ଓ ତାହାର ଗୁରୁତ୍ୱ ବାବଦରେ ଥିବା ବିଶ୍ୱାସକୁ ଅଧିକ ଦୃଢ଼ିଭୂତ କରିଛି।

ନ୍ୟୁୟର୍କରେ ଅବସ୍ଥାପିତ "ୱୁଷ୍ଟର ଗ୍ରୁପ୍"ରେ ମୋର ସାଧାରଣ ପ୍ରାରମ୍ଭିକ ସମୟ ବେଳେ, ଆମେ ଆମର କିଛି ପ୍ରଦର୍ଶନରେ ପ୍ରେକ୍ଷାଳୟରେ ବହୁତ କମ୍ ଦର୍ଶକ ପାଉଥିଲୁ । ଅବଶ୍ୟ ଏମିତି ଏକ ନିୟମ ଥିଲା — ଯଦି ଦର୍ଶକଙ୍କ ସଂଖ୍ୟା ଠାରୁ ଅଭିନେତା ଅଧିକ ଥାଆନ୍ତି, ତେବେ ଆମେ ପ୍ରଦର୍ଶନ ବାତିଲ କରିଦେଇପାରୁ । କିନ୍ତୁ ଆମେ କେବେ ବି ପ୍ରଦର୍ଶନ ବନ୍ଦ କରିନଥିଲୁ । ଆମ ଦଳର ଅନେକେ ନାଟକରେ ତାଲିମ ପ୍ରାପ୍ତ ନଥିଲେ । ବରଂ ବିଭିନ୍ନ କଳା ଓ ବିଦ୍ୟାରୁ ଆସିଥିବା ଲୋକ ମାନେ ଏକତ୍ର ହୋଇ ନାଟକ କରୁଥିଲେ । ତେଣୁ "ନାଟକ ଯେମିତି ହେଉ ଚାଲୁ ରହୁ" ବୋଲି ଯେଉଁ ସ୍ଲୋଗାନ୍, ଆମର ମନ୍ତ୍ର ନଥିଲା ଅଥଚ ଦର୍ଶକଙ୍କ ସହ ଆମର ସାକ୍ଷାତକୁ ଅତୁଟ ରଖିବା ଆମର ଏକ ନୈତିକ ଦାୟିତ୍ୱ ବୋଲି ଆମେ ଅନୁଭବ କରୁଥିଲୁ ।

ପ୍ରାୟ ଦିନରେ ଆମେ ନାଟ୍ୟ ଅଭ୍ୟାସ କରୁଥିଲୁ ଏବଂ ସନ୍ଧ୍ୟାରେ ସେହି କାମକୁ "ପ୍ରଗତି ପଥରେ ଥିବା ନାଟକ" ଭାବେ ଦର୍ଶକଙ୍କ ଆଗରେ ପ୍ରଦର୍ଶନ କରି ଦେଉଥିଲୁ । ଆମେ ଗୋଟିଏ ନାଟକ ତିଆରି ପାଇଁ ବେଳେ ବେଳେ ବର୍ଷ-ବର୍ଷ ସମୟ ନେଉଥିଲୁ, ଯେତେବେଳେ ପୁରୁଣା ନାଟକ ନେଇ ଭ୍ରମଣ କରି କରି ନାଟ୍ୟ ପ୍ରଦର୍ଶନ ମାଧ୍ୟମରେ ଆମେ ବଞ୍ଚି ଯାଉଥିଲୁ । ଅନେକ ସମୟରେ ଗୋଟିଏ ନାଟକ ତିଆରି ଲାଗି ବର୍ଷ-ବର୍ଷ କାମ କରିବା ମୋତେ ଅତି-ପରିଶ୍ରମ କଲା ପରି ଲାଗୁଥିଲା ଓ କେବେ କେବେ ମୋତେ ଖୁବ କ୍ଲାନ୍ତ କରିଦେଉଥିଲା । ଅଭ୍ୟାସ କଠିନ ଲାଗେ, କିନ୍ତୁ "ନାଟକ ପ୍ରଗତି ପଥରେ ଥିବା" ପ୍ରଦର୍ଶନ ଗୁଡ଼ିକ ସବୁବେଳେ ଉତ୍ସାହଜନକ ହୁଏ—ଯଦିଓ ଦର୍ଶକ ସଂଖ୍ୟା ବହୁତ କମ୍ ଥାଆନ୍ତି । ସେଥିରୁ ମୁଁ ଏକ ମହତ୍ତ୍ୱପୂର୍ଣ୍ଣ କଥା ହୃଦୟଙ୍ଗମ କଲି —ଦର୍ଶକ ଯେତେ କମ୍ ହୁଅନ୍ତୁ ନା କାହିଁକି, ନଟକର ସାକ୍ଷୀ ଭାବେ ସେମାନଙ୍କର ଉପସ୍ଥିତି ହିଁ ନାଟକକୁ ଯଥାର୍ଥ କରେ ଓ ନାଟକେରେ ପ୍ରାଣ ଆଣିଦିଏ ।

ଜୁଆ-ଖେଳ-ଘର ଏକ ବାକ୍ୟ କହେ — **"ଜିତିବାକୁ ତୁମେ ଉପସ୍ଥିତ ଅଛ ବୋଲି ଭାବ ।"** ସର୍ଜନ କରୁଥିବା ସମୟରେ ମିଳିତ ଅନୁଭୂତି, ଯାହା ଉଦ୍ୟମରେ ଓ ସଜେଇବାରେ ଲାଗେ, ତାହା ଭିନ୍ନ ଭିନ୍ନ ହେଇଥାଏ, ଯାହା ହିଁ ନାଟକର ଏକ ଅନ୍ତର୍ନିହିତ ଶକ୍ତି । ସାମାଜିକ ଓ ରାଜନୈତିକ ପରିପ୍ରେକ୍ଷୀରେ, ନାଟକକୁ କେବେ

ଗୁରୁତ୍ୱ ଦିଆଯାଇନାହିଁ କିମ୍ବା ଆମକୁ, ନିଜକୁ ଏବଂ ଏ ବିଶ୍ୱକୁ ନାଟକ ଖୁବ ଜରୁରୀ ବୋଲି ବୁଝେଇ ଦିଆଯାଇନାହିଁ ।

ଆଜି ଆମ ଘର ଭିତରେ ଏକ ହାତୀ ପଶିଆସିଛି ଯାହାର ନାମ – ପ୍ରୌଦ୍ୟୋଗିକ (ଟେକ୍ନୋଲୋଜି), ସାମାଜିକ (ସୋସିଆଲ) ନେଟୱାର୍କ୍ , ଯାହା ସମସ୍ତଙ୍କୁ ଯୋଡି ହେବାର ଆଶ୍ୱାସନା ଦିଏ, ହେଲେ ବାସ୍ତବରେ ଏହା ମଣିଷକୁ ପରସ୍ପର ଠାରୁ ବିଚ୍ଛିନ୍ନ ଓ ଏକାକୀ କରିଦେଇଛି ।  ମୁଁ ସାମାଜିକ ଗଣମାଧ୍ୟମ ବ୍ୟବହାର ନ କଲେ ବି ପ୍ରତିଦିନ କମ୍ପ୍ୟୁଟର ବ୍ୟବହାର କରେ । ମୁଁ ଅଭିନେତା ଭାବରେ ନିଜ ବିଷୟରେ ଗୁଗୁଲ୍ କରିଛି, ସୂଚନା ପାଇବା ପାଇଁ AI ର ସହାୟତା ମଧ୍ୟ ନେଇଛି । କିନ୍ତୁ ଆମକୁ ଅନ୍ଧ କରିଦିଆଯାଉଛି ଏହା ଅନୁଭବ କରିବାକୁ ଯେ — ମଣିଷର ସମ୍ପର୍କ ଏବେ ବିପଦରେ; କାରଣ ସମ୍ପର୍କ ବଦଳରେ ଯନ୍ତ୍ରପାତି ମାନେ ସେହି ସ୍ଥାନ ନେଇଯାଉଛନ୍ତି । କିଛି ବୈଷୟିକ ଜ୍ଞାନ କେତେବେଳେ କେମିତି ଆମକୁ ଭଲ ସହାୟତା କରେ, ଯେତେବେଳେ ଆମେ ଗୋଲାକାର ଯୋଗାଯୋଗ ପ୍ରକ୍ରିୟାର ଅପର ପାର୍ଶ୍ୱରେ କିଏ ଅଛି ଜାଣୁନା, ତେଣୁ —ଏହା ସତ୍ୟ ଓ ବାସ୍ତବତାର ଏକ ସଙ୍କଟ ସୃଷ୍ଟି କରୁଛି ।  ଇଣ୍ଟରନେଟ୍ ପ୍ରଶ୍ନ ଉଠାଇପାରେ ଯେ, ନାଟକ କଦବା କେତେବେଳେ ଆଶ୍ଚର୍ଯ୍ୟ କଳାପରି ଅନୁଭବ ଦେବାର ମୂହୁର୍ତ୍ତ ଧରି ରଖିପାରେ । ଆଉ ନାଟକର ଏହି ଆଶ୍ଚର୍ଯ୍ୟ ମୁହୂର୍ତ୍ତ, ଦର୍ଶକର ଧ୍ୟାନ, ମନଯୋଗ ଓ କ୍ରିୟା-ପ୍ରତିକ୍ରିୟା ଚକ୍ରରେ ଉପସ୍ଥିତ ଥିବା ସ୍ୱତଃ-ସ୍ଫୁର୍ତ ମଣିଷମାନଙ୍କର ସାମୂହିକ ଅନୁଭବ ଉପରେ ନିର୍ଭର କରେ ।

ଦିନକୁ ଦିନ ଅଧିକ ବିଭାଜିତ, ନିୟନ୍ତ୍ରିତ ଓ ହିଂସ୍ର ହେଇଯାଉଥିବା ଏମିତି ଏକ ବିଶ୍ୱରେ, ଜଣେ ଅଭିନେତା ଓ ନାଟ୍ୟସୃଷ୍ଟା ଭାବେ ମୁଁ ଏବେ ମଧ୍ୟ ନାଟକର ଶକ୍ତିରେ ଦୃଢ ଆସ୍ଥା ରଖିଛି ।  ନାଟ୍ୟସୃଷ୍ଟା ହିସାବରେ ଆମ ଲାଗି ଆହ୍ୱାନ ହେଉଛି — ନାଟକକୁ ଭ୍ରଷ୍ଟାଚାରରୁ ଦୂରେଇ ରଖିବା ଯେପରିକି – କେବଳ ବ୍ୟବସାୟକରଣ କରିବାକୁ ମନୋରଂଜନ ଲାଗି ଏହାକୁ ମନ ଇଚ୍ଛା ଭଙ୍ଗା-ଗଢା ହେବାରୁ ବଞ୍ଚାଇବା ଅଥବା ଏହାକୁ କେବଳ ପାରମ୍ପରିକତାର ଶୁଷ୍କ ଆନୁଷ୍ଠାନିକ ସଂରକ୍ଷକ ଭାବେ ରଖିବାକୁ ଦେବା ନାହିଁ  । ବରଂ ନାଟକର ଶକ୍ତିକୁ ବଞ୍ଚେଇ ରଖି ମଣିଷ, ସମୁଦାୟ ଓ ସଂସ୍କୃତିକୁ ଏକତ୍ର କରିବା ଓ ସର୍ବୋପରି ଏହା ପ୍ରଶ୍ନ କରୁ  —ଆମେ କେଉଁ ଆଡକୁ ଧାଇଁଛୁ  ?

ଭଲ ନାଟକ ସିଏ, ଯିଏ ଆମର ଚିନ୍ତାକୁ ଆହ୍ୱାନ ଦିଏ ଏବଂ ଆମକୁ ଆମେ ଆଶା କରୁଥିବା ଦୁନିଆକୁ କଳ୍ପନା କରିବାର ପ୍ରେରଣା ଦିଏ ।

ଆମେ ସବୁ ସାମାଜିକ ପ୍ରାଣୀ ଓ ବିଶ୍ୱ ସହିତ ଯୋଡ଼ି ହେଇ ରହିବା ଆମର ଜନ୍ମଗତ ସ୍ୱଭାବ । ଆମର ପ୍ରତ୍ୟେକ ଇନ୍ଦ୍ରିୟ ହେଉଛି ଏକ ମିଳନର ଦ୍ୱାର, ଏବଂ ଏହି ସମ୍ମିଳନ ମାଧ୍ୟମରେ ଆମେ ନିଜ ପରିଚୟକୁ ଅଧିକ ସ୍ପଷ୍ଟ ଭାବେ ପାଉ । ଗଳ୍ପ-କଥନ, ସୌନ୍ଦର୍ଯ୍ୟବୋଧ, ଭାଷା, ଗତି ବା ମଞ୍ଚସଜ୍ଜା ମାଧ୍ୟମରେ - ନାଟକ ଏକ ସମଗ୍ର କଳା ହୋଇଥିବାରୁ, ଆମକୁ ଦେଖାଇପାରେ : ଏ ପୃଥିବୀ **କ'ଣ ଥିଲା, କ'ଣ ଅଛି, ଏବଂ କ'ଣ ଭବିଷ୍ୟତରେ ହୋଇପାରେ।**

*ଇଂରାଜୀରୁ ଅନୁବାଦ : ସୁବୋଧ (ନାଟ୍ୟ ଚେତନା)*